# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 12 June – 2026

*********************************

## ମୁଖ୍ୟ ସମ୍ବାଦ

- ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ସରକାର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି କାର୍ଯ୍ୟ କରୁଛନ୍ତି : କହିଲେ ମୁଖ୍ୟମନ୍ତ୍ରୀ ।

  – ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଲୋକସେବା ଭବନଠାରେ ସାମ୍ବାଦିକମାନଙ୍କୁ ସରକାରଙ୍କ ଉପଲବ୍ଧିର ଦେଲେ ବିବରଣୀ ।

  – ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆଜି ସନ୍ଧ୍ୟାରେ ହେବ ଲୋକାର୍ପଣ, ଅତିରିକ୍ତ ୫ କେଜି ଚାଉଳ ହିତାଧିକାରୀମାନଙ୍କୁ ମାଗଣାରେ ମିଳିବ ।

- ଚଳିତ ନିଟ୍ ପୁନଃପରୀକ୍ଷାରେ ପରୀକ୍ଷାର୍ଥୀମାନଙ୍କୁ ଆଉ ଅଧିକ ୧୫ ମିନିଟ୍ ସମୟ ଦେବାପାଇଁ ସରକାରଙ୍କ ନିଷ୍ପତ୍ତି ।

ଏବଂ

● ଶିଶୁ ଶ୍ରମିକପ୍ରଥାକୁ ରୋକିବା ଏବଂ ଶିଶୁ ଶ୍ରମ ବିରୋଧରେ ସଚେତନତା ଉଦ୍ଦେଶ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ।

HS

## ସରକାରଙ୍କ ୨ ବର୍ଷ

୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ବିଜେପି ସରକାରଙ୍କ ୨ ବର୍ଷ କାର୍ଯ୍ୟକାଳର ପୂର୍ତ୍ତି ଅବସରରେ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ଲୋକଙ୍କର ଆସ୍ଥାଭାଜନ ହେବାସହିତ ସେବା, ସମର୍ପଣ ଓ ସୁଶାସନକୁ ପାଥେୟ କରି ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି। କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ସରକାରଙ୍କ ବିକାଶମୁଖୀ ଯାତ୍ରାର ପ୍ରମାଣ ଦେଉଛି। ଓଡ଼ିଆ ଅସ୍ମିତାକୁ ଆଧାର କରି ଏକ ସମୃଦ୍ଧ ସଶକ୍ତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ରାଜ୍ୟ ସରକାର ୨ ବର୍ଷ ମଧ୍ୟରେ ୧୨୧ଟି ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତ୍ୟେକ ଗାଁକୁ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଗାଁରୁ ସହର, କ୍ଷେତରୁ ଶିଳ୍ପ, ଶିକ୍ଷାରୁ ସ୍ୱାସ୍ଥ୍ୟ ପ୍ରତ୍ୟେକ କ୍ଷେତ୍ରରେ ସରକାର ବିକାଶର ନୂଆ ଧାରା ସୃଷ୍ଟି କରିଛନ୍ତି। ଏକ ସମୃଦ୍ଧ, ସଶକ୍ତ ଏବଂ ବିକଶିତ ଓଡ଼ିଶା ଗଠନ କରିବାର ଲକ୍ଷ୍ୟ ଓ ସଂକଳ୍ପ ନେଇ ସରକାର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -**

ସରକାରଙ୍କ ଏକ ବଡ଼ ସଫଳତା ସ୍ୱରୂପ ସୁଭଦ୍ରା ଯୋଜନା ଅଧିନରେ ୨ କୋଟି ୬୦ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ସହାୟତା ପ୍ରଦାନ କରାଯାଇଛି। ଏହି ସମୟ ଅବଧି ମଧ୍ୟରେ ୨୩ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। ରାଜ୍ୟରେ ଖାଦ୍ୟସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରୁଛନ୍ତି। ଏହି ଯୋଜନା ଅଧିନରେ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ବିନା ମୂଲ୍ୟରେ ପ୍ରଦାନ କରାଯିବ। ରାଜ୍ୟର ଲୋକସଂଖ୍ୟାର ୮୦ ପ୍ରତିଶତ ଲୋକଙ୍କୁ ଅତିରିକ୍ତ ଚାଉଳ ପ୍ରଦାନ କରାଯିବ। ୨୦୨୭ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ବିଜୁଳି ସଂଯୋଗ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଗତ ୨ ବର୍ଷ ମଧ୍ୟରେ ସରକାର ୧୪ ହଜାର ୬୫୧ଟି ଅଭିଯୋଗ ଗ୍ରହଣ କରିଛନ୍ତି। ସେଗୁଡ଼ିକ ମଧ୍ୟରୁ ୯୫ ପ୍ରତିଶତ

ଅଭିଯୋଗର ସମାଧାନ ହୋଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂହ ତୋମାର ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ କେତୋଟି ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମ୍ୟାଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ, ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନର ଶିଳାନ୍ୟାସ, ରାଜ୍ୟର ଅଙ୍ଗନବାଡ଼ି କର୍ମୀ, ମହିଳା ସୁଭରପାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ ଏବଂ ସୁଭଦ୍ରା ଶକ୍ତି ସମ୍ବାଦର ଶୁଭାରମ୍ଭ କରିବେ। ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ମଧ୍ୟ ଅନୁଷ୍ଠିତ ହେବ।

HS

## ନିଟ୍ ୟୁଜି ପୁନଃପରୀକ୍ଷା

ନ୍ୟାସନାଲ୍ ଟେଷ୍ଟିଙ୍ଗ ଏଜେନ୍ସି - ଏନ୍‌ଟିଏ ଦ୍ୱାରା ପରିଚାଳିତ ନିଟ୍ ୟୁଜି ପୁନଃପରୀକ୍ଷା ସମୟ ଅବଧି ୧୯୫ ମିନିଟ୍‌କୁ ବୃଦ୍ଧି କରାଯାଇଛି। ନିଟ୍ ପରୀକ୍ଷାର୍ଥୀମାନଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ମିଳିବ। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନିଟ୍ ୟୁଜି ପୁନଃପରୀକ୍ଷା ଅପରାହ୍ଣ ୨ଟାରୁ ଆରମ୍ଭ ହୋଇ ୫ଟା ୧୫ ମିନିଟ୍ ଯାଏଁ ଚାଲିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ନିଟ୍ ୟୁଜି ପୁନଃପରୀକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ

ପକ୍ଷରୁ ପରୀକ୍ଷାର୍ଥୀମାନଙ୍କ ପାଇଁ ମାଗଣା ବସ୍‌ସେବାର ବ୍ୟବସ୍ଥା କରାଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପରୀକ୍ଷାର୍ଥୀମାନେ ନିଜ ଆଡମିଟ୍ କାର୍ଡ ଦେଖାଇ ରାଜ୍ୟ ସଡକ ଓ ପରିବହନ ନିଗମର ବସ୍‌ରେ ମାଗଣା ଯାତ୍ରା କରିପାରିବେ । ରାଜ୍ୟର ୧୩୪ଟି ପରୀକ୍ଷାକେନ୍ଦ୍ରରେ ମୋଟ ୫୬ ହଜାର ୯୮୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି ।

Desk/Ganjam/Bhadrak/Gajapati/Bolangir/Nuapada/Dhenkanal

# ଶିଶୁ ଶ୍ରମ ନିରୋଧ ଦିବସ

ଶିଶୁ ଶ୍ରମିକ ପ୍ରଥାକୁ ରୋକିବା ଏବଂ ଶିଶୁ ଶ୍ରମ ବିରୁଦ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱରେ ଶିଶୁ ଶ୍ରମ ନିରୋଧ ଦିବସ ପାଳନ କରାଯାଉଛି । ଶିଶୁମାନଙ୍କୁ ସେମାନଙ୍କର ନାଯ୍ୟ ଅଧିକାର ପ୍ରଦାନ କରିବା ଏବଂ ସେମାନଙ୍କର ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଶିଶୁ ଶ୍ରମକୁ ଲାଲ କାର୍ଡ: ପିଲାମାନଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଖେଳ, ବୟସ୍କଙ୍କ ପାଇଁ ଉପଯୁକ୍ତ କାମ" । ଶିଶୁଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ପାଇଁ ବିଶ୍ୱବ୍ୟାପୀ ସମର୍ଥକମାନଙ୍କୁ ଏକତ୍ରିତ କରିବା ହେଉଛି ଲାଲ କାର୍ଡ ଅଭିଯାନ । ଏହି ଅଭିଯାନର ମୂଳଲକ୍ଷ୍ୟ ହେଉଛି, "ଜଣେ ଶିଶୁକୁ ଶିଖିବା ପାଇଁ ଶିକ୍ଷାଦେବା ଉଚିତ, ବାଧ୍ୟବାଧକତାରେ ଶିଶୁଙ୍କୁ ରୋଜଗାର କରିବାକୁ ନୁହେଁ ।" ଆଇଏଲ୍‌ଏ'ର ତଥ୍ୟ ଅନୁସାରେ ବିଶ୍ୱରେ ପ୍ରାୟ

୧୬୦ ନିୟୁତ ଶିଶୁଶ୍ରମିକ ଭାବରେ ନିୟୋଜିତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୭୯ ନିୟୁତ ଶିଶୁଶ୍ରମିକ ବିପଦଜନକ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ରାଜ୍ୟରେ ବିଭିନ୍ନ ସ୍ଥାନରେ ଏହି ଅବସରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଗଞ୍ଜାମ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ ଏବଂ ୧୫ରୁ ୧୮ ବର୍ଷ ବୟସ୍କ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରିବାକୁ ବାରଣ କରିବାର ବାର୍ତ୍ତା ନେଇ ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି।

ଭଦ୍ରକ ଜିଲ୍ଲାପ୍ରଶାସନ ଶ୍ରମବିଭାଗ ପକ୍ଷରୁ ୧୫ ଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସ୍ଲୋଗାନ୍ ସହ ଶୋଭାଯାତ୍ରା ଏବଂ ଏକ ମୋବାଇଲ୍ ଭ୍ୟାନ୍ ନଗର ପରିକ୍ରମା କରିଥିଲା।

ଗଜପତି ଜିଲ୍ଲାପ୍ରଶାସନ ଓ ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ବିଭିନ୍ନ ଆଇନ ଏବଂ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇ, ୧୪ ବର୍ଷରୁ କମ୍ ପିଲାଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ

ସଚେତନତା ବାର୍ତ୍ତା ଦିଆଯାଉଛି। ଏହାସହିତ ଜିଲ୍ଲାପ୍ରଶାସନ ପକ୍ଷରୁ ଶିଶୁଶ୍ରମିକ ସମ୍ବନ୍ଧିତ ତଥ୍ୟ ପାଇବା ପାଇଁ ନିଃଶୁଳ୍କ ଶ୍ରମିକ ସହାୟତା ହେଲ୍‌ପଲାଇନ ନମ୍ବର ୧୫୫୩୬୮ କିମ୍ବା ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

ବଲାଙ୍ଗୀର ଜିଲ୍ଲାପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସଚେତନତା ରଥ ସହର ପରିକ୍ରମା କରି ୧୪ ବର୍ଷରୁ କମ୍ ଶିଶୁଙ୍କୁ ଶ୍ରମିକ ଭାବେ ନିଯୁକ୍ତି ନ କରିବା ପାଇଁ ବାର୍ତ୍ତା ଦିଆଯାଉଛି।

ନୂଆପଡ଼ା ଜିଲ୍ଲାପ୍ରଶାସନ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ଉଚ୍ଛେଦ ଦିବସ ଅବସରରେ ୫ଟି ସଚେତନତା ରଥକୁ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି। ଶିଶୁ ଶ୍ରମିକ ନିରାକରଣ ନେଇ ଜିଲ୍ଲାପ୍ରଶାସନ ପକ୍ଷରୁ ମଧ୍ୟ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା।

ଢେଙ୍କାନାଳ ଜିଲ୍ଲାରେ ଆଜିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ ଚାଲିବ। ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯିବା ସହିତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

Ganjam

## ପରିଗଣନା ଫର୍ମ ବଣ୍ଟନ ଓ ଡିଜିଟାଇଜେସନ୍

ଗଞ୍ଜାମ ଜିଲ୍ଲାରେ ପରିଗଣନା ଫର୍ମ ବଣ୍ଟନ ଓ ଡିଜିଟାଇଜେସନ୍ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ବୁଥ୍‌ସ୍ତରୀୟ ଅଧିକାରୀ,

ସୁପରଭାଇଜର୍ ଏବଂ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ୨ ଲକ୍ଷ ୯୬ ହଜାର ୯୨୯ ଜଣଙ୍କୁ ସ୍ୱଗଣନା ଫର୍ମ ବଣ୍ଟନ କରିଛନ୍ତି। ଏବେସୁଦ୍ଧା ଜିଲ୍ଲାରେ ୪ ଲକ୍ଷ ୬ ହଜାର ୯୪୦ଟି ଫର୍ମ ଡିଜିଟାଇଜଡ୍ କରାଯାଇଛି।

Boudh

## ସ୍ୱତନ୍ତ୍ର ଗାଁ ଆମ୍ବ ପସରା

ଓରମାସ୍ ପକ୍ଷରୁ ବୌଦ୍ଧ କୃଷି ବଜାରଠାରେ ସ୍ୱତନ୍ତ୍ର ଗାଁ ଆମ୍ବ ପସରା ଆଜି ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ବିଭୂତିଭୂଷଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ଚାଷୀମାନଙ୍କ ଉତ୍ପାଦିତ ଆମ୍ବକୁ ବଜାର ସୁବିଧା ଯୋଗାଇବା ଏବଂ ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ଏଭଳି ପ୍ରଦର୍ଶନୀର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ଦୁଇରୁ ତିନିଦିନ ମଧ୍ୟରେ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇବ। ଆସନ୍ତାକାଲିଠାରୁ ରାଜ୍ୟର ଦକ୍ଷିଣ ଭାଗରେ ଆସନ୍ତା ତିନିଦିନ ଧରି ବର୍ଷା ଓ ପବନର ସମ୍ଭାବନା ଅଛି। କାଳବୈଶାଖୀର ପ୍ରଭାବ କମିବା ସହ ମୌସୁମୀ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍-ମୌସୁମୀ ବର୍ଷା ହେଉଛି। ଚଳିତ ମାସ ୧୬ ତାରିଖ ବେଳକୁ ମୌସୁମୀ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି। କେନ୍ଦୁଝର ଜିଲ୍ଲାର

ଘସିପୁରାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୯୬.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।